## ଜିଲାରେ ସଂକ୍ରମଣ ଶୂନ

କେନ୍ଦୁଝର,(ସ୍ବ.ପ୍ର.): କେନ୍ଦୁଝର ଜିଲାରେ ଆକ୍ଟିଭ କୋଭିଡ ସଂକ୍ରମଣ ସଂଖ୍ୟା ହ୍ରାସ ପାଇ ଶୂନରେ ପହଞ୍ଚିଛି। ଶନିବାର ସୁଦ୍ଧା ଜିଲାରେ ଆକ୍ଟିଭ କୋଭିଡ କେସ ସଂଖ୍ୟା ଶୂନ ରହିଛି। ଗତ ୨୪ଘଣ୍ଟା ମଧ୍ୟରେ ସମୁଦାୟ ୧୮୧୫ ଜଣଙ୍କ କୋଭିଡ ଟେଷ୍ଟ କରାଯାଇଥିଲା। ଏହାକୁ ମିଶାଇ ଜିଲାରେ ସମୁଦାୟ କୋଭିଡ କେସ ୨୦,୯୯୭ ରେକର୍ଡ କରାଯାଇଥିବାବେଳେ ସେଥିରୁ ୧୭୩ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ୨୦,୮୨୪ ଜଣ ସୁସ୍ଥ ହୋଇଛନ୍ତି। ଅଦ୍ୟାବଧି ୯,୬୨,୪୦୫ ଜଣଙ୍କ କୋଭିଡ ଟେଷ୍ଟ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଜମି ଚିହ୍ନଟ ପରେ ବି ନିର୍ମାଣ ହେଉନି ବସ୍‌ଷ୍ଟାଣ୍ଡ

ବାରିପଦା ଅଫିସ,୨୦।୧୧

ପ୍ରମୁଖ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ୪୪ବର୍ଷର ପୁରୁଣା ବସ୍‌ଷ୍ଟାଣ୍ଡ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଦୀର୍ଘଦିନ ହେଲା ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିପଦପୂର୍ଣ୍ଣ ରାସ୍ତାରେ ଯିବାଆସିବା କରୁଛନ୍ତି। ସହର ଉପକଣ୍ଠ ଦାରୋଗାଡାହି ଠାରେ ଜମି ଚିହ୍ନଟ ପରେ ବି ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉ ନ ଥିବା ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ ଅଭିଯୋଗ କରିଛନ୍ତି। ତୁରନ୍ତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତରେ ଥିବା ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାରେ ରହିଛି ଏହି ବସ୍‌ଷ୍ଟାଣ୍ଡ। ୨ଏକର ଜମି ମଧ୍ୟରେ ସୀମିତ ଥିବା ଏହି ବସଷ୍ଟାଣ୍ଡର ମାତ୍ର ୨୦ମିଟର ଦୂରରେ ଜିଲାପାଳଙ୍କ କାର୍ଯ୍ୟାଳୟ, କଚେରୀ ଓ ସ୍କୁଲ ରହିଥିବାରୁ ଉକ୍ତ ଅଞ୍ଚଳଟି ସବୁବେଳେ ଜନଗହଳିପୂର୍ଣ୍ଣ ରହିଥାଏ। ବାରିପଦାରୁ ପଡ଼ୋଶୀ ଜିଲା ଓ ରାଜ୍ୟକୁ ୨୫୦ରୁ ଊର୍ଦ୍ଧ୍ବ ବସ୍ ଚଳାଚଳ କରୁଛି। କ୍ରମଶଃ ବସ୍ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବସ୍‌ଷ୍ଟାଣ୍ଡଟି ସଙ୍କୀର୍ଣ୍ଣ ହୋଇପଡୁଛି । ଫଳରେ ବସ୍‌ଗୁଡିକ ସହରର ବିଭିନ୍ନ ସ୍ଥାନରେ ଅଟକି ରହିବା ଦ୍ୱାରା ଗମନାଗମନରେ ବାଧା ଉପୁଜୁଛି। ଜିଲା ବସ୍ ମାଲିକ ସଂଘର ସଭାପତି ରଘୁନାଥ ପଣ୍ଡା କୁହନ୍ତି, ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସରିଥିଲେ ମଧ୍ୟ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଉନାହିଁ ନେତାମନ୍ତ୍ରୀଙ୍କ ପ୍ରତିଶ୍ରୁତିରେ ଅଟକି ରହିଛି ବସଟର୍ମିନାଲର ଭାଗ୍ୟ । ପ୍ରତୀକ୍ଷାଳୟ ଓ ପାନୀୟ ଜଳର ବ୍ୟବସ୍ଥା ନ ଥିବା ବେଳେ ସୁଲଭ ଶୌଚାଳୟଟିଏ ମଧ୍ୟ ନାହିଁ। ବସ୍ କର୍ମଚାରୀମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବା ବେଳେ ସଂଘ ପକ୍ଷରୁ ନିର୍ମାଣ ହୋଇଥିବା ଗୃହରେ ସେମାନେ ଆଶ୍ରୟ ନେଉଛନ୍ତି। ଦୁଇ ବର୍ଷ ପୂର୍ବେ ଜିଲାପାଳ ଦାରୋଗାଡ଼ାହିଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଲୋକଦେଖାଣିଆ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ମୁଠାଏ ମାଟି ପଡ଼ିବା ପୂର୍ବରୁ ସେହି କାର୍ଯ୍ୟ ବନ୍ଦ ହୋଇ ପଡ଼ିରହିଛି । ବର୍ଦ୍ଧିତ ସହରର ସଂକୀର୍ଣ୍ଣ ସ୍ଥାନରେ ଥିବା ବସ୍‌ଷ୍ଟାଣ୍ଡ ଲାଗି ଜନଗହଳି ବୃଦ୍ଧି ପାଉଥିବାରୁ ସହରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟା ସୃଷ୍ଟି କରିଛି। ବସ୍ ରହିବା ପାଇଁ ଜାଗା ନ ଥିବାରୁ ସତ୍ୟସାଇ ଛକର ଉଭୟ ପାର୍ଶ୍ୱରେ ବସ୍ ଗୁଡ଼ିକ ଛିଡ଼ା ହୋଇରହୁଛି। ଫଳରେ ଗମନାଗମନରେ ଅନେକ ଅସୁବିଧା ହେଉଛି ବୋଲି ପ୍ରୀତମ ମହାନ୍ତ, ସନାତନ ପାତ୍ର,ଚିରଞ୍ଜିବୀ ସାହୁ କହିଛନ୍ତ। ଜିଲାପ୍ରଶାସନ ତୁରନ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବାରିପଦା ବିଧାୟକ ପ୍ରକାଶ ସୋରେନ ଦାବି କରିଛନ୍ତି ।


ଜନଗହଳିପୂର୍ଣ୍ଣ ବାରିପଦା ବସ୍‌ଷ୍ଟାଣ୍ଡ।

■ରାସ୍ତା ପାର୍ଶ୍ୱରେ ଅଟକି ରହୁଛି ବସ୍
■ଯାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା

## ସଂକ୍ଷେପରେ

### ବାଲି ବୋଝେଇ ହାଇୱାକୁ ଜରିମାନା

ପାଟଣା ,୨୦।୧୧(ସ୍ବ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଏଚ୍‌ପି ପେଟ୍ରୋଲ ପମ୍ପ ନିକଟରୁ ଶନିବାର ବେଆଇନ ବାଲି ଗୋଝେଇ ହାଇୱାକୁ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଜବତ କରିଛନ୍ତି। ଜବତ ହାଇୱାରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲ ଦାର ଦେହୁରୀ ପ୍ରକାଶ କରିଛନ୍ତି। ଉକ୍ତ ଚଢ଼ାଉରେ ତହସିଲଦାରଙ୍କ ସହ ସୁପରଭାଇଜର ବନମାଳି ନାଏକ, ପାଟଣା ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁ, ରାଜସ୍ୱ ନିରୀକ୍ଷକ ଭବାନୀ ଶଙ୍କର ରାଉତରାୟ ପ୍ରମୁଖ ସାମିଲ ଥିଲେ।

### ୬୫ ୟୁନିଟ୍ ରକ୍ତ ସଂଗ୍ରହ

ବାଲିଆପାଳ, ୨୦।୧୧(ସ୍ବ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ପଞ୍ଚାୟତ କଟୁଆପଡ଼ା ଗ୍ରାମରେ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବାଲିଆପାଳ ସାଇ ସଙ୍ଗଠନର ମୁଖ୍ୟ ଇଂ. ସୁଧୀର କୁମାର ପରିଡ଼ା ଏବଂ ରକ୍ତ ଗ୍ରହଣ ୟୁନିଟ୍‌ର ଡ଼ା ପ୍ରଶାନ୍ତ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡା. ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷ୍ଟାପନର୍ସ ସ୍ୱାତୀ ସୁଚରିତା ରାଜ, ଆଟେଣ୍ଡାଣ୍ଟ ବିନୋଦ ବିହାରୀ ଦାସ, ଡ୍ରାଇଭର ହରିଶ ଚନ୍ଦ୍ର ମହାପାତ୍ର ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସାଇ ସଙ୍ଗଠନର ମନୋଜ କୁମାର ପରିଡ଼ା, ଅଶୋକ କୁମାର ସି, କମଳାକାନ୍ତ ପରିଡ଼ା, ରାମଚନ୍ଦ୍ର ଗିରି, ପ୍ରକାଶ କୁମାର ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ।

### ଛାତ୍ରୀଛାତ୍ରଙ୍କୁ ଭୋଟର ପଞ୍ଜୀକରଣ ସଚେତନତା

ବନ୍ତ,୨୦।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶନିବାର ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାଧାପକ ରମେଶ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ମନୋଜ କୁମାର ପାତ୍ର, ତହସିଲଦାର ଅଙ୍କିତା ବାରିକ ଓ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ଭୋଟର ପଞ୍ଜୀକରଣ ସମ୍ପର୍କରେ ସଚେତନ କରାଇଥିଲେ। ପ୍ରାଧାପକ ରାଜକିଶୋର ଆଚାରୀ ସଂଯୋଜନା କରିଥିଲେ। ସମସ୍ତ ପ୍ରାଧାପକ, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଶିକ୍ଷୟିତ୍ରୀଙ୍କ ପରଲୋକ

ଯୋଡ଼ା,୨୦।୧୧(ଡି.ଏନ.ଏ.): ଯୋଡ଼ା ସହରର ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର(୬୨)ଙ୍କର ଶନିବାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନରୁ ଅସୁସ୍ଥ ଥାଇ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ଯୋଡ଼ା ହାଇସ୍କୁଲ ଓ ପରେ ପ୍ରଧାନ ଶିକ୍ଷୟିତ୍ରୀ ହୋଇ ଯୋଡ଼ା ଭ୍ୟାଲି ଗାର୍ଲ୍ସ ହାଇସ୍କୁଲରୁ ସେ ଅବସର ଗ୍ରହଣ କରିଥିଲେ। ସେ ଯୋଡ଼ା ସହରର ପଶ୍ଚିମ ପ୍ରାଥମିକ ବିଦ୍ୟାଳୟର ସୁନାମଧନ୍ୟ ଶିକ୍ଷକ ମଗତି ତ୍ରିପାଠୀଙ୍କ କନ୍ୟା ଥିଲେ। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର ମହଲରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ୱାମୀ ପ୍ରାଧାପକ ମାଧବାନନ୍ଦ ମିଶ୍ର ,ପୁତ୍ର, ପୁତ୍ରବଧୂ, ଏବଂ କନିଷ୍ଠ କନ୍ୟା ଉପସ୍ଥିତ ଥିଲେ। ଯୋଡ଼ାରେ ଥିବା ରୋଟାରୀ କ୍ଲବ, ସିଟିଜନ ଫୋରମ ପ୍ରଭୃତି ସଂଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### ବାଣ୍ଟିଲେ କମ୍ବଳ



ଭଣ୍ଡାରିପୋଖରୀ, ୨୦।୧୧(ଡି.ଏନ.ଏ) ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ରାହାସ ପୂର୍ଣ୍ଣିମା ଅବସରରେ ସୂର୍ଯ୍ୟମଣି-ଇଛାମଣି ସେବା ନିକେତନ ଆନୁକୂଲ୍ୟରେ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସମ୍ପାଦକ ଆଇନଜୀବୀ ଲକ୍ଷ୍ମୀନାରାୟଣ ମହାପାତ୍ର ଓ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ୫୦ରୁ ଊର୍ଦ୍ଧ୍ବ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ ସହ ପ୍ରସାଦ ପ୍ରଦାନ କରାଯାଇଥିଲା। ମନ୍ଦିର ପୁରୋହିତ ଶଶଧର ତ୍ରିପାଠୀ, ସୁକଦେବ ଚନ୍ଦ, ଜିତେନ୍ଦ୍ର ନାରାୟଣ ମହାପାତ୍ର, ରାଘବ ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ପର୍ଶୁରାମ ଶଙ୍ଖୁଆ, ପ୍ରତାପ ବେହେରା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂରକ୍ଷଣ ତାଲିକାକୁ ନେଇ ୨୭ ଆପତ୍ତି ଅଭିଯୋଗ

ବାରିପଦା ଅଫିସ,୨୦।୧୧

ଓଡ଼ିଶା ମୁନିସପାଲ ନିୟମ-୧୯୫୦ର ଅଧିନିୟମ ଅନୁସାରେ ପ୍ରକାଶ ପାଇଥିବା ପୌର ଓ ବିଜ୍ଞାପିତ ପରିଷଦର ୱାର୍ଡ ଗୁଡିକ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ସମ୍ପର୍କିତ ଚିଠା ତାଲିକାକୁ ନେଇ ମୟୂରଭଞ୍ଜ ଜିଲାରେ ୨୭ ଆପତ୍ତି ଅଭିଯୋଗ ହୋଇଛି। ସେଥିମଧ୍ୟରୁ ବାରିପଦା ପୌରପରିଷଦ ପାଇଁ ସର୍ବାଧିକ ୧୬ ଓ ଉଦଳା ବିଜ୍ଞାପିତ ଅଞ୍ଚଳରୁ ସର୍ବନିମ୍ନ ଗୋଟିଏ ମାତ୍ର ଅଭିଯୋଗ ଆସିଛି। କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପାଇଁ ୬ ଏବଂ ରାଇରଙ୍ଗପୁର ପୌର ପରିଷଦରୁ ୪ଟି ଆପତ୍ତି ଅଭିଯୋଗ ଆସିଛି। ସେହିପରି ବାରିପଦା ପୌର ପରିଷଦର ୭ନଂ ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷଣ ତାଲିକା ବଳବତ୍ତର ରଖିବା ପାଇଁ ଏକ ପ୍ରସ୍ତାବ ଆସିଛି। ଆପତ୍ତି ଅଭିଯୋଗ ଗୁଡ଼ିକର ଜିଲାପାଳ ବିଚାର କରିବା ପରେ ୨୯ତାରିଖରେ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ଜଣାପଡ଼ିଛି ।

# ବିଡିଏନ୍‌ପୁର ବ୍ଲାଷ୍ଟ ଚାମ୍ପିୟନ


ବ୍ୟାଟିଂ କରି ପ୍ରତିଯୋଗିତାକୁ ବିଧାୟିକା ମିନାକ୍ଷୀ ମହାନ୍ତ ଆରମ୍ଭ କରୁଛନ୍ତି।

### ବିଜୁ ପ୍ରିମିୟର ଲିଗ କ୍ରିକେଟ

ଚମ୍ପୁଆ, ୨୦।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ବିଜୁ ପ୍ରିମିୟର ଲିଗ ୨୦୨୧ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଜେଡି ପକ୍ଷରୁ ଆୟଜିତ ଏହି ପ୍ରତିଯୋଗିତାରେ ଓଡିଶା ଓ ଝାଡ଼ଖଣ୍ଡ ରାଜ୍ୟର ୧୬ ଦଳ ଭାଗନେଇଥିଲେ। ଗତ ୧୨ ତାରିଖରେ ଏହି ପ୍ରତିଯୋଗିତା ଆରମ୍ଭ କରାଯାଇଥିବାବେଳେ ବର୍ଷା ପାଇଁ ଏହା ସ୍ଥଗିତ ରହିଥିଲା। ଶୁକ୍ରବାର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ବିଧାୟକ ମିନାକ୍ଷୀ ମହାନ୍ତ ମୁଖ୍ୟଅତିଥି ଭାବେ ସେମିଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ଖେଳରେ ଯୋଡ଼ା ଟ୍ରକ ମାଲିକ ସଂଘ ସଂପାଦକ ସୁଶାନ୍ତ ବାରିକ ଅତିଥି ଭାବେ ଯାଗ ଦେଇ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଫାଇନାଲ ଖେଳରେ ବିଡିଏନ ପୁର ବ୍ଲାଷ୍ଟର ଭିରୁ ଏକାଦଶକୁ ହରାଇ ଚାମ୍ପିୟନ ହୋଇଥିଲା। ଅମ୍ପାୟାର ଭାବେ ସୌମ୍ୟରଞ୍ଜନ ରଣା ଓ ଜ୍ୟୋତି କମାଲ ପରିଚାଳନା କରିଥିଲେ। ମୁନାଜିର ଜାକି ଖେଳର ଧାରାବିବରଣୀ ଦାୟିତ୍ୱ ତୁଲାଇଥିଲେ।

## ୩୬ ପ୍ରକଳ୍ପ ପାଇଁ ୧.୮୮କୋଟି ମଞ୍ଜୁର

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ, ପୌରାଞ୍ଚଳବାସୀ

ବାସୁଦେବପୁର,୨୦।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ମୁକ୍ତା ଯୋଜନାରେ ୩୬ ପ୍ରକଳ୍ପ ଲାଗି ୧.୮୮ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏଥିପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପୌରାଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶନିବାର ଅପରାହ୍ନରେ ତହସିଲ ଡାକବଙ୍ଗଳାରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ବିଧାୟକ ରାଉତରାୟ ଏହି ଯୋଜନାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏସ୍‌ଏଚ୍‌ଜି ମାଧ୍ୟମରେ ଏହି କାର୍ଯ୍ୟ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଯୁବ ବିଜେଡି ସଭାପତି ତଥା ପୂର୍ବତନ କାଉନସିଲର ମାନସ ସାହୁ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ବ୍ଲକ ଯୁବ ବିଜେଡି ସଭାପତି ଜଗବନ୍ଧୁ ଖିଲାର, ଛାତ୍ର ସଭାପତି କାଳନ୍ଦୀ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

## ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

ପାଟଣା,୨୦।୧୧(ସ୍ବ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର କଣ୍ଟିଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯମୁନାପଶି ଉଚ୍ଚ ପ୍ରାଥମିକ, ବାଉଁଶୁଳି ପଞ୍ଚାୟତର ଭୁଲୁଦା ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୋଟ ୩୭୮ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଛି। କଣ୍ଟିଆପଡ଼ା ସ୍କୁଲରେ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ବିଧାୟକ ଜଗନ୍ନାଥ ନାଏକ, ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲା ପରିଷଦ ସଦସ୍ୟା ସୁରୁମାଲ ବେହେରା, ଯୋଗାଣ ନିରୀକ୍ଷକ ବିଦ୍ୟୁତ୍‌ଲତା ନାୟକ ପ୍ରମୁଖ ଯୋଗଦେଇ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ।

## ଅସହାୟଙ୍କୁ ସହାୟତା

ଚମ୍ପୁଆ ୨୦।୧୧(ଡି.ଏନ.ଏ)

ସମାଜ ସେବୀ ନୁହଁ କିନ୍ତୁ ଦରଦୀ ହୃଦୟର ମଣିଷଟିଏ ଭବାନୀ। ଅସହାୟ ଦୁଃଖୀରଙ୍କୀଙ୍କ ଅଭାବ ଅସୁବିଧା ସମୟରେ ଖବର ପାଇ ପହଞ୍ଚିଯାଆନ୍ତି ସହାୟତା କରିବାପାଇଁ। ଜାଡର ପ୍ରକୋପ ଦିନକୁ ଦିନ ବଢୁଥିବା ବେଳେ ଗତ ଶୁକ୍ରବାର ଆଦିବାସୀ ପ୍ରବଣ ମହେଶ୍ୱରପୁର ଗ୍ରାମରେ ବୟସର ଅପରାହ୍ନରେ ପହଞ୍ଚିଥିବା ବ୍ୟକ୍ତିଙ୍କୁ କମ୍ବଳ ବାଣ୍ଟିଛନ୍ତି। ସ୍ୱାମୀ ହରେକୃଷ୍ଣ ନାଏକଙ୍କ ସହାୟତାରେ ଏହି କମ୍ବଳ ବାଣ୍ଟିଥିବା ଜଣାପଡିଛି।



## କୋଷ୍ଟ କେନାଲ ପୁନରୁଦ୍ଧାର ପାଇଁ ବୈଠକ

ବାହାନଗା, ୨୦।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତସ୍ଥିତ ବଜାରରେ ଓଡିଶା କୋଷ୍ଟ କେନାଲ ପୁନରୁଦ୍ଧାର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୋଷ୍ଟ କେନାଲ ରିଭାଇଭାଲ ଫୋରମ ଆବାହକ ଗୋବିନ୍ଦ ଦଳାଇଙ୍କ ନେତୃତ୍ୱରେ ଏକ ପଥପ୍ରାନ୍ତ ସଭା ମଙ୍ଗଳବାର ଶ୍ରୀଜଙ୍ଗଠାରେ ଅନୁଷ୍ଠିତ ହୋଇଥିଲା। କୋଷ୍ଟ କେନାଲକୁ କେନ୍ଦ୍ର ସରକାର ପୁନରୁଦ୍ଧାର କରିବାକୁ ଭୁଲିଯାଉଥିବାରୁ ତାର ରକ୍ଷାଣବେକ୍ଷଣ ଓ ପୁନରୁଦ୍ଧାର ନିମନ୍ତେ ଲୋକେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ଲୋକଙ୍କୁ କିପରି ଅଧିକରୁ ଅଧିକ ଏହି ଆନ୍ଦୋଳନରେ ସାମିଲ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଶ୍ରୀଜଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ ବସନ୍ତ ଦାସ, ମହାରାଜପୁର ପୂର୍ବତନ ସପଞ୍ଚ ଶରତ ପାଣି, ତୁଣ୍ଡରା ସରପଞ୍ଚ ଅଜୟ ବାରିକ, ଇଞ୍ଚୁଡ଼ି ପଞ୍ଚାୟତ ପୂର୍ବତନ ସରପଞ୍ଚ ଅକ୍ଷୟ ବିଶ୍ୱାଳ, ବିଜୁଛାତ୍ର ଜନତା ଦଳ ସଭାପତି ସିମନ ଦାସମହାପାତ୍ର, ସାମାଜିକ କର୍ମୀ ଗୋପବନ୍ଧୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ କୋଷ୍ଟକେନାଲ ସଚେତନତା ପାଇଁ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ବାଇକ ରାଲି ଭୋଗରାଇ ମାନକୁଣ୍ଡାରୁ ଭଦ୍ରକ ଚାରିବାଟିଆ ପର୍ଯ୍ୟନ୍ତ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏଥିରେ ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି ଆବାହକ ଶୁଭଙ୍କର ମହାପାତ୍ର, ଶିଳ୍ପୀ କେଶୁ ଦାସ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ

### ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ

ବାସୁଦେବପୁର,୨୦।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ ଶନିବାର ନୀଳମଣି ଟାଉନ ହଲ୍‌ରେ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବ୍ଲକ ଅଞ୍ଚଳରେ ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ, ସେ ଦିଗରେ ସବୁ ସ୍ତରରୁ ଧ୍ୟାନ ଦିଆଯିବା ଦରକାର ବୋଲି କହିଥିଲେ। ଆସନ୍ତା ସପ୍ତାହରେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ବ୍ୟବସ୍ଥା ଥିବା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମେତ ବିଭିନ୍ନ ଯୋଜନାର ସଫଳ ରୂପାୟନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ସତ୍ୟଜିତ ରାଉତ ପରିଚାଳନା କରିଥିବା ବେଳେ ଜିପିଇଓ ଅଶୋକ ଦାସ ବିବରଣୀ ପାଠ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ବୈଠକରେ ଦାବି ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବିଧାୟକ

### ଏକ ବର୍ଷ ପୂର୍ତ୍ତି

ବାଲେଶ୍ୱର ଅଫିସ, ୨୦।୧୧

ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ଉପନିର୍ବାଚନକୁ ୧ ବର୍ଷ ପୂର୍ତ୍ତି ହୋଇଛି। ଏପରିକି ଉପନିର୍ବାଚନ ପରଠାରୁ ଏହି ନିର୍ବାଚନମଣ୍ଡଳୀର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଛନ୍ତି। ୧ବର୍ଷ ମଧ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅନୁମୋଦନ କରି ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ଦୂର କରିବାରେ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏନେଇ ଧନ୍ୟବାଦ ସଭା ଆୟୋଜନ କରି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗତ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏବେ ତାହା ପୂରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୫୫କୋଟି ଟଙ୍କାର ପ୍ୟାକେଜ ସହ ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରକାର ପ୍ରକଳ୍ପ ଦେଇ ଆସୁଛନ୍ତି। ଚଳିତମାସ ୯ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲାପାଳଙ୍କ ଜରିଆରେ ଏକାଧିକ ଜନକଲ୍ୟାଣକାରୀ ପ୍ରକଳ୍ପ ନିର୍ମାଣ ପାଇଁ ଏକ ନିବେଦନପତ୍ର ଦିଆଯାଇଥିଲା। ରାଜ୍ୟ ବିଜେଡ଼ି ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ଦାସ, ରଞ୍ଜନ ବାଗ, କୈଳାଶ ସେଠୀ, କୈଳାଶ ଦାସ, ଚନ୍ଦ୍ରଶେଖର ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଆୟୋଜିତ ଧନ୍ୟବାଦ ସଭାରେ ବିଧାୟକ ସ୍ୱରୂପ କୁମାର ଦାସ ଓ ଅନ୍ୟମାନେ।

# ବ୍ଲକ ପ୍ରଗତିରେ ବାଧକ ଅନିୟମିତ ବୈଠକ

ଖଇରା, ୨୦।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ନିୟମିତ ସମିତି ବୈଠକ ଡକାଯାଉ ନ ଥିବା ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛନ୍ତି। ଲୋକ ପ୍ରତିନିଧିମାନେ ମଧ୍ୟ ବିଭିନ୍ନ ଯୋଜନା ବିବରଣୀକୁ ନେଇ ଅନ୍ଧାରରେ ରହିଛନ୍ତି। ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଭତ୍ତା, କୃଷି, ଉଦ୍ୟାନ ଭଳି ବିଭିନ୍ନ ଯୋଜନାର ଅର୍ଥ ସର୍ବୋପରି ୟାସ୍ ବାତ୍ୟା ସହାୟତା କେଉଁ ପଞ୍ଚାୟତକୁ କେତେ ପରିମାଣରେ ଯାଇଛି ସେ ସମ୍ପର୍କରେ ଲୋକପ୍ରତିନିଧିମାନେ ଅଜ୍ଞ ରହିଯାଉଛନ୍ତି। ଅନ୍ୟପକ୍ଷେ ଅତ୍ୟାଧୁନିକ ସଭାଗୃହରେ ତାଲା ପଡି ରହିଛି। କୋଭିଡକୁ ଆୟୁଧ କରି ଅନିୟମିତ ବୈଠକ ଯୋଗୁ ଖଇରା ବ୍ଲକ ପ୍ରଗତିରେ ବାଧା ସୃଷ୍ଟି ହେଇଥିବା ଶ୍ୟାମସୁନ୍ଦରପୁର, ହରିପୁର, ଝିଙ୍କିରିଆ, ନନ୍ଦୁର ଭଳି ବହୁ ପଞ୍ଚାୟତର ଲୋକପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଖଇରା ପଞ୍ଚାୟତ ସମିତିର କାର୍ଯ୍ୟକାଳ ପୂରିବାକୁ ଆଉ ମାତ୍ର ୪ମାସ ସମୟ ଥିବା ବେଳେ ମାତ୍ର ୭ଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିମଧ୍ୟରୁ ୨୦୧୭-୨୦୧୮ରେ ୫ଟି, ୨୦୧୯ ଓ ୨୦୨୦ରେ ଗୋଟିଏ ଲେଖାଏଁ ବୈଠକ ବସିଥିଲା। ଶେଷ ବୈଠକ ୨୦୨୦ ଜାନୁୟାରୀ ୨୮ତାରିଖରେ ବିଡିଓଙ୍କ ଅନୁପସ୍ଥିତିରେ ଏକାକୀ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲାର ଅନ୍ୟ ବ୍ଲକଗୁଡିକରେ ୧୦ରୁ ଅଧିକ ଲେଖାଏଁ ବୈଠକ ଆୟୋଜିତ ହୋଇଥିବା ବେଳେ ବ୍ଲକ ପ୍ରଶାସନର ବୈଠକ ଆୟୋଜନ ପାଇଁ ଆନ୍ତରିକତା ନ ଦେଖାଇବାରୁ ଆଶାନୁରୂପ ପ୍ରଗତିରେ ଅନ୍ତରାୟ ହେଉଥିବା ଅଭିଯୋଗ ହୋଇଛି । ପୂର୍ବରୁ ପଞ୍ଚାୟତ ସମିତି ବୈଠକ ପାଇଁ ନିଜସ୍ୱ ସଭାଗୃହ ନ ଥିଲା। ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉଦ୍ୟମରେ ନିର୍ମିତ ଏକ ଅତ୍ୟାଧୁନିକ ସଭାଗୃହ କିଛି ମାସ ତଳେ ଉଦ୍‌ଘାଟିତ ହୋଇଛି। ଆଗକୁ ବିଧାନସଭା ବସିବା ଏବଂ ପଞ୍ଚାୟତ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବାର ସମ୍ଭାବନା ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଆଗମନ ପୂର୍ବରୁ ଏବେ ତରବରିଆ ଭାବେ ଆସନ୍ତା ୨୪ ତାରିଖରେ ଏକ ବୈଠକ ଡକାଯାଇଛି। ବୈଠକର ସୁଫଳ ମିଳିବା ନେଇ ଲୋକପ୍ରତିନିଧିମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଗଣତନ୍ତ୍ରରେ ପଞ୍ଚାୟତ ସ୍ତରର ଲୋକପ୍ରତିନିଧିଙ୍କୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଥିବା ବେଳେ ଖଇରା ବ୍ଲକରେ ଲୋକପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିଦିଆଯାଇଛି ବୋଲି ଝିଙ୍କିରିଆ ପଞ୍ଚାୟତର ସମିତିସଭ୍ୟ କୈଳାସ ମାଝି କହିଛନ୍ତି। ପଞ୍ଚାୟତ ସମିତି ବୈଠକରେ ସାଧାରଣ ଲୋକଙ୍କ ସ୍ୱର ଉତ୍ଥାପନ କରାଯାଇଥାଏ । ହେଲେ ୩ବର୍ଷ ଧରି ରହିଆସୁଥିବା ବିଡିଓମାନେ ସରପଞ୍ଚ, ସମିତିସଭ୍ୟଙ୍କୁ ଏହି ସୁଯୋଗରୁ ବଞ୍ଚିତ କରି ରଖିବା ଦୁଃଖଦାୟକ ବୋଲି ଶ୍ୟାମସୁନ୍ଦରପୁର ସରପଞ୍ଚ ସୁଶାନ୍ତ ମହାକୁଡ କହିଛନ୍ତି। ବର୍ତ୍ତମାନର ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ପଚାରିବାରେ ଏମ୍‌ପି ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମୟ ଦେବା ପରେ ୨୪ ତାରିଖରେ ବୈଠକ ଡକାଯାଇଥିବା କହିଛନ୍ତି ।


ପ୍ରଥମ ବୈଠକ ଅପେକ୍ଷାରେ ନୂତନ ସଭାଗୃହ।

**ସମୁଦ୍ରକୁ ଖସି ମତ୍ସ୍ୟଜୀବୀ ଗୁରୁତର**

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଦା ଗ୍ରାମର କାଳେନ୍ଦ୍ର ଦାସ(୫୦) ନାମକ ଜଣେ ମତ୍ସ୍ୟଜୀବୀ ସମୁଦ୍ରକୁ ଡଙ୍ଗାରେ ମାଛ ଧରିବାକୁ ଯାଇଥିବା ବେଳେ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ଖସିପଡିଥିଲେ। ତାଙ୍କୁ ରାତିରେ ସାଥି ମତ୍ସ୍ୟଜୀବୀମାନେ କୂଳକୁ ଆଣି ଗୋପାଳପୁର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।



## ସଂକ୍ଷେପରେ

### ସ୍ୱଚ୍ଛତା ସର୍ବେକ୍ଷଣରେ ବାଲେଶ୍ୱର ତୃତୀୟ

ବାଲେଶ୍ୱର ଅଫିସ, ୨୦।୧୧-ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୧ର ଫଳାଫଳ ପ୍ରକାଶ ପାଇଛି। ଜାତୀୟସ୍ତରରେ ଅମୃତ ସହର ଯୋଜନାରେ ବାଲେଶ୍ୱର ୧୦୯ ନମ୍ବର ସ୍ଥାନରେ ରହିଥିବା ବେଳେ ରାଜ୍ୟସ୍ତରରେ ୩ ନମ୍ବରରେ ରହିଛି।

ରାଜ୍ୟସ୍ତରରେ ପ୍ରଥମ ସ୍ଥାନରେ ବ୍ରହ୍ମପୁର, ଦ୍ୱିତୀୟରେ ରାଉରକେଲା ଏବଂ ତୃତୀୟ ସ୍ଥାନରେ ବାଲେଶ୍ୱର ରହିଛି। ଏଥିସହିତ ମ୍ୟୁନିସିପାଲଟି-ଏନଏସି ସ୍ତରରେ ସ୍ୱଚ୍ଛତା କ୍ଷେତ୍ରରେ ରାଜ୍ୟସ୍ତରରେ ୧ନମ୍ବର ରହିଛି ବାଲେଶ୍ୱର ପୌରାଞ୍ଚଳ। ଯାହାକୁ ନେଇ ପୌରପାଳିକା ବିଭାଗ ଖୁସିବ୍ୟକ୍ତ କରିଛି। ଆଗାମୀ ଦିନରେ ବାଲେଶ୍ୱର ପୌରପାଳିକା ୧ ନମ୍ବର ରହିବ ବୋଲି ପ୍ରୟାସ ଚଳାଇଛି। ୨୦୨୧ ମାର୍ଚ୍ଚରେ ଚାଲିଥିଲା 'ସ୍ୱଚ୍ଛତା ସର୍ବେକ୍ଷଣ-୨୦୨୧'। ଏଥିରେ ସମଗ୍ର ଦେଶରୁ ୪୩୨୦ଟି ସହରାଞ୍ଚଳ ଭାଗ ନେଇଥିବା ବେଳେ ଓଡ଼ିଶାର ପ୍ରାୟ ସମସ୍ତ ସହର ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ୧ ଲକ୍ଷରୁ ୧୦ ଲକ୍ଷ ଜନସଂଖ୍ୟା ବର୍ଗରେ ୩୭୨ଟି ସହର ମଧ୍ୟରେ ବାଲେଶ୍ୱର ରହିଥିବା ଶନିବାର ପୌରାଞ୍ଚଳ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି। ।

### ଦୁର୍ଘଟଣାରେ ୨ ଡାକ କର୍ମଚାରୀ ଆହତ

ଜଳେଶ୍ୱର, ୨୦।୧୧(ଡି.ଏନ.ଏ)-ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ସୁଗୋ ନିକଟରେ ତଥା ୫୭ ନଂ. ରାଜ୍ୟ ରାଜପଥରେ ୨ ଯୁବକ ଦ୍ରୁତଗତିରେ ବାଇକ୍‌ରେ ଗଲା ବେଳେ ରାସ୍ତାକଡରେ ଛିଡା ହୋଇଥିବା ଏକ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ଟି ନୟନଯୋରିରେ ପଡିବା ସହ ୨ ଯୁବକ କାଦୁଅରେ ପୋତି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ମୟୂରଭଞ୍ଜ ଜିଲା ଜରଙ୍ଗା ଅଞ୍ଚଳର ବିକ୍ରମ ନାୟକ(୨୩) ଓ ଶାନ୍ତନୁ ପାଣ୍ଡୁକି (୨୦) କମର୍ଦ୍ଦା ଡାକଘରେ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି । ଶନିବାର ଗାଁକୁ ଯିବା ଲାଗି ଦ୍ରୁତଗତିରେ ଗଲା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

### ଜଗନ୍ନାଥ ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ

ଜଳେଶ୍ୱର, ୨୦।୧୧(ଡି.ଏନ୍.ଏ.)-ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳିକାରେ ଅବସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଜ୍ୟୋତ୍ସ୍ନା ଘୋଷ ଅଧକ୍ଷତା କରିଥିଲେ । ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରବଣ କୁମାର ନାଥ ରାଜନୀତି ବିଜ୍ଞାନ ସମ୍ପର୍କରେ ସାମ୍ପ୍ରତିକ ସମାଜରେ ପ୍ରତ୍ୟେକ ଛାତ୍ରଛାତ୍ରୀ ହୃଦ୍‌ବୋଧ କରିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ରଥ, ରଣଜିତ୍ କୁମାର ବେହେରା, ଛାତ୍ରୀଛାତ୍ରମାନେ ମାର୍ଜିତ ବ୍ୟବହାର ତଥା ଦୃଢ ମାନସିକତା ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ।

### ନୌବାଣିଜ୍ୟ ପରମ୍ପରାକୁ ମନେପକାଇଲେ କେନ୍ଦ୍ରମନ୍ତ୍ରୀ

ବାହାନଗା, ୨୦।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତ ବାଜଣା ଗ୍ରାମରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବ ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ବୋଲି କହିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ହରିହର ତ୍ରିପାଠୀ । ମୁଖ୍ୟବକ୍ତା ଭାବେ ଗୌରି ପ୍ରସାଦ ରଥ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଦେବାଶିଷ ମହାନ୍ତି, ଭୋଳାନାଥ ପାଣିଗ୍ରାହୀ ଓ ଶରତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପରେ ରାତିରେ ମନ୍ତ୍ରୀଙ୍କ ଦ୍ୱାରା ଔଷଧୀୟ ବୃକ୍ଷ ବାଜଣା ଗ୍ରାମ ହାଟ ପଡିଆରେ ଲଗାଯାଇଥିଲା। ସଭା ଆରମ୍ଭ ପୂର୍ବରୁ ମନ୍ତ୍ରୀ ଗ୍ରାମର ଥିବା ଆଦିବାସୀ ସାହିକୁ ଯାଇ ସେଠାରେ ଚାରା ରୋପଣ କରିଥିଲେ। ପରେ ଉପସ୍ଥିତ ଆଦିବାସୀମାନଙ୍କ ପରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚିଥିଲେ। ତାଙ୍କ ସହ ବାହାନଗା ବିଡିଓ ଗୌରାଙ୍ଗ ଚନ୍ଦ୍ର ଘୋଷଙ୍କ ସମେତ ବିଦ୍ୟୁତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସେଠାରେ ଉପସ୍ଥିତ ଅଧିକାରୀ ଓ ବିଡିଓଙ୍କୁ ଆଦିବାସୀମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ କହିଥିଲେ।

# ଅମଳ ସମୟରେ ଦାଉ ସାଧୁଛି 'ମାଟିଆଗୁଣ୍ଡି'

ବନ୍ତ,୨୦।୧୧(ସ୍ୱ.ପ୍ର.)

■ପୋକ ଲାଗି ପାଚିଲା ଧାନ ନଷ୍ଟ
■ଚାଷୀ ମୁଣ୍ଡରେ ଚଡ଼କ

ଖରିଫ୍ ଧାନ ଅମଳ ସମୟରେ ବିଲରେ ମାଟିଆଗୁଣ୍ଡି ପୋକର ପ୍ରାଦୁର୍ଭାବ। ପୋକ ଲାଗି ଧାନ ଫସଲ ନଷ୍ଟ କରି ଦେଉଛନ୍ତି। ଆରମ୍ଭରୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଭଦ୍ରକ ଜିଲା ବନ୍ତ ବ୍ଲକରେ ଧାନ ଚାଷ ବିଳମ୍ବରେ ଆରମ୍ଭ ହୋଇଥିଲା। ସାର ଅଭାବୀ ବିକ୍ରି ସହ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଚାଷୀମାନେ ଚାଷ କାମ ଆଗେଇ ନେଇଥିବା ବେଳେ ଅମଳ ସମୟରେ ଏହି ପୋକ ଦାଉ ସାଧୁଛି।

ବନ୍ତ ବ୍ଲକର କାଦବରାଙ୍ଗ, ଗୋପିନାଥପୁର, ଆଡ଼ିଆ, ପୁରୁଷଣ୍ଡ, ରାମଚନ୍ଦ୍ରପୁର, ଟିଲୋ, ଓଡ଼ଙ୍ଗ ଆଦି ପଞ୍ଚାୟତରେ ପୋକ ଯୋଗୁ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ମାଟିଆଗୁଣ୍ଡି ପୋକ ଧାନ ଗଛର ମୂଳରେ ବସା ବାନ୍ଧି ଦିନକୁ ଅଣ୍ଡା ଦେଇ ଲକ୍ଷ ଲକ୍ଷ ଛୁଆ ଜନ୍ମ କରିଥାନ୍ତି। ପାଚିଲା ଧାନ ସମୟରେ ମୂଳକୁ ବିଷ ସିଞ୍ଚନ ହୋଇ ନ ପାରିବା ଯୋଗୁ ପୋକ ଦମନ ସହଜ ହୋଇପାରୁ ନାହିଁ। ଫଳରେ ପୋକ ସହଜରେ ବଂଶ ବିସ୍ତାର କରୁଛନ୍ତି। ପ୍ରଥମରୁ ଗୋଟିଏ ଜାଗାରେ ପୋକ ଲାଗିବା ପରେ ତାହା ସମ୍ପୂର୍ଣ୍ଣ ଧାନ କ୍ଷେତକୁ ମାଡ଼ି ଯାଉଥିବା ଚାଷୀମାନେ କହିଛନ୍ତି। ମୂଳକୁ ଶୋଷି ନେଉଥିବାରୁ ଧାନ ଗଛ ପ୍ରଥମେ ନାଲି ପଡ଼ି ପରେ ସଂପୂର୍ଣ୍ଣ ମରିଯାଉଥିବା ଦେଖାଯାଉଛି। ପୋକ ଦମନ ନ ହେଲେ ଅମଳ ବାଧାପ୍ରାପ୍ତ ହେବ। ଧାର କରଜ କରି ଚାଷୀମାନେ



ମାଟିଆଗୁଣ୍ଡି ପୋକ ଲାଗି ଧାନ ଧଳା ହୋଇଯାଇଛି।

ଚାଷ କରିଥିବା ବେଳେ ଆଶାତୀତ ଅମଳ ନ ହେଲେ ଶୁଝିବା ଅସମ୍ଭବ ହୋଇପଡ଼ିବ। ଏହା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। ଏ ସମ୍ପର୍କରେ ଆଗରପଡ଼ା କୃଷି ଅଧିକାରୀ ତୁଷାରକାନ୍ତ ପତି କହିଛନ୍ତି, ଯେଉଁ ଅଞ୍ଚଳରେ ପୋକ ଲାଗିଛନ୍ତି ଖବର ପାଇବା ପରେ ବିଭାଗୀୟ ଟିମ୍ ଯାଇ କ୍ଷେତ୍ର ପରିଦର୍ଶନ କରୁଛନ୍ତି। ସବ୍‌ସିଡିରେ ଚାଷୀଙ୍କୁ କୀଟନାଶକ ଯୋଗାଇ ଦିଆଯାଉଛି। ପ୍ରତି ପଞ୍ଚାୟତ ସ୍ତରରେ ଚାଷୀମାନଙ୍କୁ ନେଇ ହ୍ୱାଟସଅପ୍ ଗ୍ରୁପ କରାଯାଇ ପ୍ରତିକାର ପାଇଁ ପରାମର୍ଶ ଦିଆଯାଉଛି।

# ଚୂଡ଼ାମଣି ସମବାୟ ସମିତି ସମ୍ପାଦକଙ୍କ ସମେତ ୨ ନିଲମ୍ବିତ

ପଦ୍ମପୁର, ୨୦।୧୧(ଡି.ଏନ.ଏ.)

■ଚାଷୀ ପଞ୍ଜୀକରଣରେ ଅନିୟମିତତା
■୫ ସମିତିର ଡାଟାଏଣ୍ଟ୍ରି ଅପରେଟର ବହିଷ୍କୃତ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଚାଷୀଙ୍କ ଅନ୍‌ଲାଇନ ପଞ୍ଜୀକରଣରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ୨ ଜଣ ଚୂଡ଼ାମଣି ସେବା ସମବାୟ ସମିତି ସମ୍ପାଦକ ମହେଶ୍ୱର ମହାକୁଡ଼ ଓ ବାଲିମେଦ ସେବା ସମିତିର ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ୫ ସମିତିର ଡାଟାଏଣ୍ଟ୍ରି ଅପରେଟର ବହିଷ୍କୃତ ହୋଇଛନ୍ତି।

ଅଭିଯୋଗ ମୁତାବକ ପ୍ରଶାସନିକ ଅଧିକାରୀ ଚିଠି ନଂ. ୨୬୪୧ ତା ୧୬।୧୧।୨୧ ରିଖ ଅନୁଯାୟୀ ବାଲିମେଦ ସେବା ସମିତିର ଡାଟାଏଣ୍ଟ୍ରି ଅପରେଟର ଅରୁଣ କୁମାର ମହାନ୍ତିଙ୍କୁ ନିଲମ୍ବନ ସହ ଗୁଆଗଡ଼ିଆର ମା' କାଳୀ ସେବା ସମିତି, ବାସୁଦେବପୁର, ବିଦେଇପୁର, ଚୂଡ଼ାମଣି ଓ ଲୁଙ୍ଗାର କୁରୁଦା ସେବା ସମବାୟ ସମିତିର ଡାଟାଏଣ୍ଟ୍ରି ଅପରେଟରଙ୍କୁ ବହିଷ୍କାର କରାଯାଇଛି। ପଞ୍ଜୀକରଣ ପାଇଁ ଚାଷୀମାନେ ଦେଇଥିବା ପଟାରୁ ୨/୩ ଟି ପ୍ଲଟ ଅନ୍‌ଲାଇନ କରି ଅନ୍ୟ ପ୍ଲଟଗୁଡ଼ିକ ପଞ୍ଜୀକରଣ କରାଯାଇ ନାହିଁ। କିଛି ସେବା ସମିତିର ଚାଷୀଙ୍କୁ ଛାଡ଼ି ଅନ୍ୟ କିଛି ଧାନ ବେପାରୀଙ୍କ ଜମିକୁ ପଞ୍ଜୀକରଣ କରାଯାଇଥିବା ନେଇ ମଧ ଅଭିଯୋଗ ଆସିଛି। ଏଥିସହ ୬ ସମିତିର ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ବିଇଓ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସହାୟିକାଙ୍କ ବିକ୍ଷୋଭ ପ୍ରଦର୍ଶନ।

ଭୋଗରାଇ, ୨୦।୧୧(ଡି.ଏନ.ଏ.)

ଗଣଶିକ୍ଷା ବ୍ୟବସ୍ଥାକୁ ସରକାରୀ ଦୃଢ଼ୀକରଣ କରିବା, ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ବନ୍ଦ କରିବା, ବିଦ୍ୟାଳୟ ମିଶ୍ରଣକୁ ବନ୍ଦ କରି ସମସ୍ତ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା, ମାସିକ ସର୍ବନିମ୍ନ ୨୧ହଜାର ଟଙ୍କା ଦରମା ସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୨୮ମାସର ବକେୟା ଭତ୍ତା ଅବିଳମ୍ବେ ପ୍ରଦାନ ଦାବି ନେଇ ଶନିବାର ବାଲେଶ୍ୱର ଜିଲା ଭୋଗରାଇ ପାଚିକା ସହାୟିକା ସଂଘ ପକ୍ଷରୁ ଶ୍ରୀବସ୍ତପୁରସ୍ଥିତ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀମାନେ ଥାନା ଛକରୁ ଶୋଭାଯାତ୍ରାରେ ବାହାରି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ସଙ୍ଗଠନ ରାଜ୍ୟ ଉପସଭାପତି ମୃତ୍ୟୁଞ୍ଜୟ ରାଉତ, ରାଜ୍ୟ ସମ୍ପାଦିକା ଇଷାନୀ ଷଡ଼ଙ୍ଗୀ, ବ୍ଲକ ସଭାନେତ୍ରୀ ସରୋଜିନୀ ପ୍ରଧାନ, ସମ୍ପାଦିକା ପୁତୁଲ ଦାସ, ସଦସ୍ୟ ବୀଣାପାଣି ପଣ୍ଡା, ସନ୍ଧ୍ୟାରାଣୀ ପଣ୍ଡା, ସୁମତି ଦାସ, ଶୁକଦେବ ସାହୁ, କାଳିପଦ ପଣ୍ଡା ପ୍ରମୁଖ ରାଜ୍ୟ ସରକାରଙ୍କଠାରେ ଅବିଳମ୍ବେ ଦାବି ମାନି ନେବାକୁ ଏକ ସ୍ମାରକପତ୍ର ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ।

## ୨୫ ଲକ୍ଷ ଟଙ୍କାର ଗହଣା ଲୁଟ୍

ଭଦ୍ରକ ଅଫିସ, ୨୦।୧୧

ଭଦ୍ରକ ସହରରେ ପୁଣି ଲୁଟେରାଙ୍କ ଆତଙ୍କରାଜ। ଶୁକ୍ରବାର ବିଳମ୍ବିତ ରାତିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ଏକ ଜୁଏଲାରୀ ଦୋକାନ ମାଲିକଙ୍କଠାରୁ ସୁନା ରୂପା ଭର୍ତ୍ତି ବ୍ୟାଗ୍ ଲୁଟ୍ ହୋଇଛି। ପ୍ରାୟ ୨୫ ଲକ୍ଷ ଟଙ୍କାର ଗହଣା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା କୋଲକାତା ଜୁଏଲର୍ସ ଦୋକାନୀ ଗୋବିନ୍ଦ ଦାସ ଦୋକାନ ବନ୍ଦ ବେଳେ ସୁନାଗହଣା ଓ ରୁପା ଘରକୁ ନେବା ପାଇଁ ବ୍ୟାଗ୍‌ରେ ଭର୍ତ୍ତି କରିଥିଲେ। ଉକ୍ତ ବ୍ୟାଗ୍‌କୁ ତଳେ ରଖି ସେ ଦୋକାନରେ ତାଲା ପକାଉଥିବା ବେଳେ ଜଣେ ଲୁଟେରା ପହଞ୍ଚି ବ୍ୟାଗ୍ ନେଇ ପଳାଇ ଯାଇଥିଲେ। ନିକଟ ଦୋକାନରେ ଥିବା ମହିଳା ପାଟି କରିବାରୁ ଲୁଟେରା ଜଣଙ୍କ ଅନ୍ୟ ଜଣେ ସହଯୋଗୀଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଏନେଇ ଦୋକାନୀ ଗୋବିନ୍ଦଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ମାମଲା (ନଂ. ୪୩୬/୨୧) ରୁଜୁ କରି ତଦନ୍ତ ଚଳାଇଛି।

# ୮ ଶିକାରୀ ଗିରଫ

କେନ୍ଦୁଝର/ତେଲକୋଇ, ୨୦।୧୧ (ସ୍ୱ.ପ୍ର./ଡି.ଏନ.ଏ.):

କେନ୍ଦୁଝର ତେଲକୋଇ ବନାଞ୍ଚଳରେ ହାତ ବୋମା ଫୁଟାଇ ବାରହା ଏବଂ ଭାଲୁ ଶିକାର କରିବା ଘଟଣାରେ ବନ ବିଭାଗ ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କିଛି ଦିନ ତଳେ ବନ ବିଭାଗ ବୋମା ମାଡ଼ରେ କ୍ଷତବିକ୍ଷତ ହୋଇଥିବା ଏକ ବାରହାର ବିଭତ୍ସ ମୃତଦେହ ଜବତ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଲୁଲୁ ମୁଣ୍ଡା, ଗୁରୁଚରଣ ନାୟକ, ସୁରେଶ ମୁଣ୍ଡା, କ୍ଷିରୋଦ ନାୟକ। ସେମାନଙ୍କ ଘର ତେଲକୋଇ ବ୍ଲକ ଅଞ୍ଚଳରେ ବୋଲି ଜଣାପଡିଛି। କିଛି ଦିନ ତଳେ ସେମାନେ ହାତ ବୋମା ଖଞ୍ଜି ଉକ୍ତ ବାର୍‌ହାକୁ ମାରି ଦେଇଥିଲେ । ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟାରେ ବାର୍‌ହା ଶିକାର ହେଉଥିବାରୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ଅଧିକ ସଚେତନ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସେହିପରି ବଡବିଲ ରେଞ୍ଜ୍ ଅଞ୍ଚଳରୁ ବାରହା, ହାତୀ ଶିକାର ପାଇଁ ରୋଇଡା ଜଙ୍ଗଲରେ ଫାଶ ବସାଯାଇଥିବା ପ୍ରାୟ ୩୦୦ ଫୁଟର ତାର ବନ ବିଭାଗ ଜବତ କରିଛି। ସେହିପରି ଭାଲୁ ମାରିଥିବା ଘଟଣାରେ ବନବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍ତ୍ତିକ ସାହୁ, ବୀର କିଶୋର ସାହୁ, କାହ୍ନୁ ଜୁଆଙ୍ଗ ଓ ହାବର ମୁଣ୍ଡା। ଏସମ୍ପର୍କରେ କେନ୍ଦୁଝର ଡିଏଫଓ ଧନରାଜ ଡି.ଏଚ କହିଛନ୍ତି, ଛାଡଖାଇ ପାଇଁ ଶିକାରୀ ମାନେ ଜଙ୍ଗଲରେ ଫାଶ, ବୋମ ଆଦି ବସାଉଥିବାରୁ ଏନେଇ ଚଢାଉ କରାଯାଉଛି । ଜିଲାର ବିଭିନ୍ନ ଅଞ୍ଚଳରେ ପଶୁ ଶିକାର ଅଭିଯୋଗରେ ୧୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି।

# ଯୋଡ଼ା ପୌରପାଳିକାକୁ ମିଳିଲା ୨କୋଟି ୨୧ ଲକ୍ଷ

ଯୋଡ଼ା,୨୦।୧୧(ଡି.ଏନ.ଏ.)

■ମୁକ୍ତା ଯୋଜନା
■ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଚମ୍ପୁଆ ବିଧାୟିକା

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ଉନ୍ନତି ଲାଗି ମୁକ୍ତା ଯୋଜନାରେ ସରକାରଙ୍କ ପକ୍ଷରୁ ୨କୋଟି ୨୧ଲକ୍ଷ ଟଙ୍କା ଅନୁମୋଦନ ମିଳିଛି। ଏନେଇ ସହରର କମାରଯୋଡ଼ାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ସହରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଧାୟିକା ମହାନ୍ତ କହିଛନ୍ତି ଯେ,ଏହି ଅର୍ଥ ଯୋଡ଼ା ସହରରେ ବିଭିନ୍ନ ଉନ୍ନତି କାର୍ଯ୍ୟରେ ବ୍ୟୟ କରାଯିବ। ପୌରପାଳିକା ଅଧୀନ ୧୪ଟି ୱାର୍ଡର ୪୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ସେହି ପ୍ରକଳ୍ପଗୁଡ଼ିକ ହେଲା ୧ନଂ.ୱାର୍ଡରେ ଗୋଟିଏ ପାର୍କ, ୨ଟି ପବ୍ଲିକ ଜିମ୍, ୨ଟି ଶିଶୁ କ୍ରୀଡ଼ା ଉଦ୍ୟାନ, ୨ଟି ୱାକିଂ ଟ୍ରାକ, ୩ଟି ରାସ୍ତା କଡ଼ ଶୌଚାଳୟ, ୨ନଂ.ୱାର୍ଡରେ ଗୋଟିଏ ପାର୍କ, ୫ଟି ପବ୍ଲିକ ଜିମ୍,୩ଟି ଶିଶୁ କ୍ରୀଡ଼ା ଉଦ୍ୟାନ, ୪ଟି ୱାକିଂ ଟ୍ରାକ, ୨ଟି ରାସ୍ତା କଡ଼ ଶୌଚାଳୟ, ୩ନଂ. ୱାର୍ଡରେ ଗୋଟିଏ ପବ୍ଲିକ ଜିମ୍, ୬ନଂ. ୱାର୍ଡରେ ୩ଟି ପବ୍ଲିକ ଜିମ୍, ୭ନଂ. ୱାର୍ଡରେ ୨ଟି ଶିଶୁ କ୍ରୀଡ଼ା ଉଦ୍ୟାନ, ଗୋଟିଏ ରାସ୍ତା କଡ଼ ଶୌଚାଳୟ, ୮ନଂ.ୱାର୍ଡରେ ଗୋଟିଏ ଜିମ୍, ୯ନଂ.ୱାର୍ଡରେ ଗୋଟିଏ ଶିଶୁ କ୍ରୀଡ଼ା ଉଦ୍ୟାନ, ଗୋଟିଏ ୱାକିଂ ଟ୍ରାକ, ଗୋଟିଏ ଖେଳ ପଡ଼ିଆ, ୧୦ନଂ. ୱାର୍ଡରେ ଗୋଟିଏ ଶିଶୁ କ୍ରୀଡ଼ା ଉଦ୍ୟାନ,୧୧ନଂ.ୱାର୍ଡରେ ଗୋଟିଏ ଶିଶୁ କ୍ରୀଡ଼ା ଉଦ୍ୟାନ, ୧୨ନଂ. ୱାର୍ଡରେ ଗୋଟିଏ ରାସ୍ତା କଡ଼ ଶୌଚାଳୟ, ୧୩ନଂ. ୱାର୍ଡରେ ଗୋଟିଏ ଶିଶୁ କ୍ରୀଡ଼ା ଉଦ୍ୟାନ ଓ ୧୪ନଂ. ୱାର୍ଡରେ ଗୋଟିଏ ପବ୍ଲିକ ଜିମ୍,୨ଟି ଶିଶୁ କ୍ରୀଡ଼ା ଉଦ୍ୟାନ ପ୍ରକଳ୍ପ ନିର୍ମାଣ ହେବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପସଭାପତି ଆର୍.କେ. ଦାସ, ଜିଲା ସମ୍ପାଦକ ବାବୁଲାଲ ସାହୁ, ସୁଶାନ୍ତ ବାରିକ, ଯୋଡ଼ା ପୌରପାଳିକା ୫ନଂ. ୱାର୍ଡ ବିଜେଡି ସଭାପତି କ୍ଷୀରୋଦ ଗୋପ ପ୍ରମୁଖ ଉପସ୍ଥିତ ଥିଲେ।

## ଡଙ୍ଗା ଆଣିବାକୁ ଯାଇ ବୁଡିଗଲେ ବାଳକ

ବାହାନଗା, ୨୦।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚକଜଗନ୍ନାଥପୁର ଗ୍ରାମ ଦୁର୍ଗାମଣ୍ଡପ ନିକଟସ୍ଥ ପୋଖରୀରେ ବୁଡି ଶନିବାର ରାଜେଶ କୁମାର ପାତ୍ରୀଙ୍କ ୫ବର୍ଷର ପୁଅ ପ୍ରାଣ ହରାଇଛି। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ସେ ଖେଳୁଥିବା ବେଳେ ଘର ଲୋକଙ୍କ ଅଜାଣତରେ ପୋଖରୀରେ ଭାସୁଥିବା ସୋଲଡଙ୍ଗା ଆଣିବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ପିଲାଟି ପାଣିରେ ବୁଡିଯାଇଥିଲେ। ପୁଅକୁ ନ ପାଇ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିବାରୁ ପୋଖରୀରେ ପୁଅ ଭାସୁଥିବା ଦେଖିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ ମୃତ୍ୟୁ ହୋଇଯାଇଥିଲା।

# ଜାତୀୟ ସ୍ତରରେ ସାଇସୁମନଙ୍କ ସଫଳତା

ଚମ୍ପୁଆ/ବଡ଼ବିଲ, ୨୦।୧୧(ଡି.ଏନ.ଏ/ସ୍ୱ.ପ୍ର.)

ଇଂରାଜୀ ପ୍ରବନ୍ଧରେ ଜାତୀୟ ସ୍ତରରେ ଦ୍ୱିତୀୟ ହୋଇ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ସାଇସୁମନ ହୋତା ଗୌରବ ଆଣିଛନ୍ତି। ଡା.ମାନସ ରଞ୍ଜନ ହୋତା ଓ ଡ. ସାଇସ୍ମିତାଙ୍କ ଅଲିଅଳି ଝିଅ ସାଇସୁମନ। ବଡ଼ ହେଲେ ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଥିବା ସୁମନ ଜିନ୍ଦଲ ସ୍କୁଲରେ ଏବେ ନବମ ଶ୍ରେଣୀ ଛାତ୍ରୀ। ପାଠପଢ଼ା ସହ ସଙ୍ଗୀତରେ ତାଙ୍କର ରୁଚି ଅଛି। ତାଙ୍କ ମା' ସାଇସ୍ମିତା ବର୍ତ୍ତମାନ ଚମ୍ପୁଆ ତହସିଲଦାର ଥିବାବେଳେ ବାପା ମାନସ ବଡ଼ବିଲରେ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗରରେ ସମିତିସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଦ୍ୱିତୀୟ ହେବା ପରେ ସେ ଚେଷ୍ଟା ଜାରି ରଖିଥିଲେ। ପରେ ଢେଙ୍କାନାଳଠାରେ ଜିଲା ସ୍ତରୀୟ ପ୍ରତିଯୋଗିତାରେ



ଜାତୀୟ ସ୍ତରରେ ଦ୍ୱିତୀୟ ହୋଇଥିବା ସାଇସୁମନ।

ପ୍ରଥମ, ରାଜ୍ୟସ୍ତରରେ ପ୍ରଥମ ଓ ଜାତୀୟସ୍ତରରେ ଦ୍ୱିତୀୟ ହୋଇଛନ୍ତି। ଅନ୍‌ଲାଇନ ମାଧ୍ୟମରେ ହୋଇଥିବା ଏହି ପ୍ରତିଯୋଗିତାରେ ସାଇସୁମନ ସଫଳ ହୋଇଥିବା ବେଳେ ଏହାର ଶ୍ରେୟ ମା' ବାପାଙ୍କୁ ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଭଦ୍ରକ ଅଫିସ, ୨୦।୧୧

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଣୀତାଲ ଛକରେ ଶନିବାର ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରାମକୃଷ୍ଣପୁର ଗ୍ରାମର ବିଜୟ ଦଳେଇ(୫୦) ଓ ନରେନ୍ଦ୍ର ଜେନା(୩୨) ଏକ ସ୍କୁଟିରେ ରାଣୀତାଲରୁ ଚରମ୍ପା ଆଡ଼କୁ ଯାଉଥିବା ବେଳେ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ସ୍କୁଟି ଚାଳକ ବିଜୟଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ନରେନ୍ଦ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

# ଲ୍ୟାମ୍ପସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କେନ୍ଦୁଝର/ବାଙ୍ଗିରିପୋଷି ୨୦।୧୧ (ସ୍ୱ.ପ୍ର./ଡି.ଏନ.ଏ.)

ଓଡିଶା ସମବାୟ କର୍ମଚାରୀ ମହାସଂଘ ଡାକରାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପସର କର୍ମଚାରୀ ମାନେ ୫ ଦଫା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। କେନ୍ଦୁଝର ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିଥିବାରୁ କାର୍ଯ୍ୟ ବ୍ୟାହତ ହୋଇଛି। ନିବନ୍ଧକ ସମବାୟ ସମିତି ସମୂହ ଓଡ଼ିଶାଙ୍କ ପତ୍ର ସଂଖ୍ୟା ୧୪୩୯୨/ ୩୦।୯।୨୦୨୧କୁ ବାତିଲ କରି ସମସ୍ତ କର୍ମଚାରୀଙ୍କୁ ଅବସ୍ଥାପିତ କରିବା, ସମ୍ପାଦକ ଓ ଡିଇଓଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହୃତ କରିବା ଆଦି ଦାବିରେ ଧାରଣାରେ ବସିଛନ୍ତି।

ସପ୍ତମ ଦିନରେ ମୟୂରଭଞ୍ଜ ଜିଲା ସମବାୟ ସମିତି ସଂଘର ସଭାପତି ରସାନନ୍ଦ ଶଙ୍ଖୁଆଙ୍କ ଆହ୍ୱାନ କ୍ରମେ ବାଙ୍ଗିରିପୋଷି ସମିତି ସହ ଜିଲାର ଅନ୍ୟ ୫୧ ସମିତି ଉପନିବନ୍ଧକ ସମବାୟ ସମିତି ସମୂହ ବାରିପଦା ମଣ୍ଡଳ ମୟୂରଭଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ।



କେନ୍ଦୁଝରରେ ଧାରଣାରେ ବସିଥିବା ସମବାୟ ସମିତି କର୍ମଚାରୀ ।

# ବାଲି ବିନା ପଛେଇଛି ନିର୍ମାଣ କାର୍ଯ୍ୟ

ସନ୍ତୋଷ ରାଉତ
ଆନନ୍ଦପୁର,୨୦।୧୧

■ସଇରାତ ଲିଜ୍ ପରେ ମିଳୁନି ପରିବେଶ ମଞ୍ଜୁରୀ
■ଆବାସ ହିତାଧିକାରୀ ହଇରାଣ

କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ଅଞ୍ଚଳରେ ବାଲି ମିଳୁ ନ ଥିବାରୁ ନିର୍ମାଣ କାମ ହୋଇ ପାରୁନି। ଆବାସ ହିତାଧିକାରୀମାନେ ବାଲି ବିନା ଘରକାମ କରି ନ ପାରି ହଇରାଣ ହରକତ ହେଉଛନ୍ତି। ଏହି ତହସିଲ ଅଧୀନରେ ଥିବା ୭ଟି ସଇରାତର ଲିଜ୍ ପ୍ରକ୍ରିୟା ଦୀର୍ଘ ଦିନ ହେବ ଶେଷ ହୋଇଥିଲେ ମଧ ବାଲି ଉଠି ପାରୁନି। ପରିବେଶ ମଞ୍ଜୁରୀ ମିଳିପାରୁ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁନି ବୋଲି ତହସିଲଦାର ତପନ କୁମାର ନାୟକ କହିଛନ୍ତି। ଫଳରେ ସରକାରୀ ଯୋଜନାରେ ହେବାକୁ ଥିବା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଘୋର ପ୍ରତିବନ୍ଧକ ସାଜିଛି। ଅନ୍ୟପଟେ ଏହି ତହସିଲ ଅଞ୍ଚଳର କେତେକ ବ୍ୟକ୍ତି ନିର୍ମାଣ କାମ ଜାରି ରଖିଛନ୍ତି। ଏଥିପାଇଁ ବାଲି କେଉଁଠୁ ଆସୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଆନନ୍ଦପୁର ସଇରାତରୁ ଚୋରାରେ ବାଲି ନିଆଯାଉଛି।

ବାଲି ସଇରାତ ବନ୍ଦ ଥିବାରୁ ସରକାରୀ ଆବାସ ଯୋଜନାରେ ସାମିଲ ହୋଇଥିବା ଗରିବ ହିତାଧିକାରୀମାନେ ଆବାସ ଗଢ଼ିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି କେତେକ ହିତାଧିକାରୀ ବାଧ ବାଧକତାରେ ଚଢ଼ା ଦରରେ କିଣିବା ପାଇଁ ଚୋରା ବାଲି ମାଫିଆଙ୍କ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ନିକଟରେ ତହସିଲ ପକ୍ଷରୁ ପଦ୍ମପୁର ସଇରାତରୁ ବାଲି ଚୋରା ଚାଲାଣ ରୋକିବା ପାଇଁ ଟ୍ରେଞ୍ଚ ଖୋଳା ଯାଇଥିଲା। ହେଲେ ମାଫିଆମାନେ ଏହାକୁ ପୋତି ପୁନର୍ବାର ବାଲି ଚାଲାଣ କରିବାରେ ସଫଳ ହେଉଥିବା ଦେଖିବାକୁ ମିଳୁଛି। ଚୋରା ବାଲି ଚାଲାଣ ରୋକିବା ଦିଗରେ ଆବଶ୍ୟକ ସହଯୋଗ ପାଇଁ ସ୍ଥାନୀୟ ପୋଲିସକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସହଯୋଗ ମିଳିପାରୁନି ଓ ଚୋରା ଚାଲାଣ ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଥିବା ତହସିଲ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାଯୋଗ୍ୟ, ଆନନ୍ଦପୁର ତହସିଲ ଅଧୀନରେ ଆନନ୍ଦପୁର, ଅମାରଙ୍ଗ, ଟୁକୁଣା, ପଞ୍ଚୁପଲୀ, ଗୌଡ଼ଡିହା, ବେଲବାହାଳି, ବୁଢ଼ିକୁଦ ଆଦି ବାଲି ସଇରାତ ରହିଛି। ସମ୍ପୃକ୍ତ ସଇରାତ ଗୁଡ଼ିକ ଲିଜ୍ କାର୍ଯ୍ୟ ଶେଷ ହୋଇଛି। ହେଲେ ପରିବେଶ ମଞ୍ଜୁରୀ ନ ମିଳିବାରୁ ଏହା କାର୍ଯ୍ୟକାରୀ ହୋଇପାରୁନି। ତହସିଲଦାର ନାୟକ କହିଛନ୍ତି, କାର୍ଯ୍ୟାଳୟ ପକ୍ଷରୁ ପରିବେଶ ମଞ୍ଜୁରୀ ନିମନ୍ତେ ଠିକଣା ସମୟରେ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି ପରିବେଶ ମଞ୍ଜୁରୀ ମିଳିପାରିନି।

